# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18 August – 2026

*************************************

## ମୁଖ୍ୟ ସମ୍ବାଦ

- ବନ୍ୟା ପ୍ରଭାବିତ ଅଂଚଳ ପାଇଁ ହଜାରେ କୋଟି ଟଙ୍କାର ସହାୟତାରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

— ସ୍ଥିତି ନ ସୁଧୁରିବା ଯାଏ ପ୍ରଭାବିତଙ୍କୁ ଦିଆଯିବ ରିଲିଫ

- କଳା ପରମ୍ପରାରେ ସମୃଦ୍ଧ ଐତିହ୍ୟ ଗ୍ରାମ ରଘୁରାଜପୁରକୁ ପ୍ରମୁଖ ପର୍ଯ୍ୟଟନସ୍ଥଳି ଭାବେ ବିକଶିତ କରିବେ ସରକାର

- ୨୦୨୫ ବର୍ଷ ପାଇଁ ୧୭ ଜଣ କ୍ରୀଡାବିତ୍‌ଙ୍କୁ ମିଳିବ ସମ୍ମାନଜନକ ଅର୍ଜୁନ ପୁରସ୍କାର

ଏବଂ

- ଅବପାତର ପ୍ରଭାବରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

**ମୁଖ୍ୟମନ୍ତ୍ରୀ-ବନ୍ୟା**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଜନିତ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଭାବିତ ଅଂଚଳଗୁଡ଼ିକରେ ରିଲିଫ୍, ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଞ୍ଚଳର ସ୍ଥିତି ସମୀକ୍ଷା କରିବା ସହ ବିପନ୍ନ ନାଗରିକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ହଜାରେ କୋଟି ଟଙ୍କାର ୧୦ ସୂତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିରେ ୩୩ ପ୍ରତିଶତ ବା ତା'ଠାରୁ ଅଧିକ ଫସଲ କ୍ଷତିଗ୍ରସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା, ଧାନ ଓ ଅଣଧାନ ବିହନ କ୍ରୟ ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ହସ୍ତାନ୍ତର ମାଧ୍ୟମରେ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦିଆଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣାରେ ପନିପରିବା ମିନି କିଟ୍ ଓ ବନ୍ୟା ପରବର୍ତ୍ତୀ ରୋଗପୋକ ପରିଚାଳନା ପାଇଁ ୭୫ ପ୍ରତିଶତ ସବ୍‌ସିଡି ଯୋଗାଇ ଦିଆଯିବ। ପ୍ରାଣୀସମ୍ପଦ କ୍ଷତିପୂରଣ ସହ ନଷ୍ଟ ହୋଇଥିବା ଡଙ୍ଗା, ଜାଲ ଓ ପୋଖରିର ପୁନରୁଦ୍ଧାର ପାଇଁ ମତ୍ସ୍ୟଜୀବୀ ଓ ଚାଷୀଙ୍କୁ ସହାୟତାରାଶି ପ୍ରଦାନ କରାଯିବ।

ପରିସ୍ଥିତି ସ୍ୱାଭାବିକ ହେବା ଯାଏଁ ସମସ୍ତ ପ୍ରଭାବିତ ଅଂଚଳରେ ରନ୍ଧା ଓ ଶୁଖିଲା ଖାଦ୍ୟ ସହ ରିଲିଫ୍ ଚାଉଳ ବଣ୍ଟନ ଜାରି ରହିବ। ପ୍ରଭାବିତ

ପରିବାରଗୁଡ଼ିକୁ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତ୍ର ଓ ବାସନକୁସନ କ୍ରୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -(CM)**

ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ପୂର୍ବସ୍ଥିତି ଫେରାଇଆଣିବା ଓ ନାଗରିକଙ୍କୁ ସଂପୂର୍ଣ୍ଣ ସହାୟତା ଯୋଗାଇଦେବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଚୂଡାନ୍ତ ଆକଳନ ପରେ ଆବଶ୍ୟକତା ଅନୁଯାୟୀ ଏହି ସହାୟତା ରାଶିକୁ ଆହୁରି ସମ୍ପ୍ରସାରିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**କେନ୍ଦ୍ରାପଡା** ଜିଲ୍ଲାର ୬ଟି ବ୍ଲକ ଏବଂ ଗୋଟିଏ ପୌରାଞ୍ଚଳର ୧ ଲକ୍ଷ ୯୬ ହଜାରରୁ ଊର୍ଦ୍ଧ୍ୱ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଜିଲ୍ଲାରେ ବିଭିନ୍ନ ଆଶ୍ରୟ କେନ୍ଦ୍ରକୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

**ନୂଆପଡା** ଜିଲ୍ଲା ଖଡିଆଳ ବ୍ଲକ୍ ତିଖାଳିସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଦ୍ୱିତୀୟ ଥର ପାଇଁ ବନ୍ୟା ଜଳ ନିଷ୍କାସନ ଜାରି ରହିଛି । ବର୍ତ୍ତମାନ ସମୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଉଥିବା ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଜୟପୁରିଆ କହିଛନ୍ତି ।

**ବନ୍ୟା-ଭଦ୍ରକ**

**ଭଦ୍ରକ** ଜିଲ୍ଲାର ୬ଟି ବ୍ଲକ ଅଧୀନ ୫୩୦ଟି ଗ୍ରାମର ୫ ଲକ୍ଷ ୪୬ ହଜାର ୯୨୩ ଜଣ ଲୋକ ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାର ୨ ଲକ୍ଷ ୨୬ ହଜାର ୫୩୦ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୩୪୬ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଂଚଳରେ ପାନୀୟଜଳ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ନଳକୂପ ବିଶୋଧନ ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ରାଜ୍ୟପାଳ

ଆଇନଗତ ଅନୁପାଳନ ମଧ୍ୟରେ ସୀମିତ ନ ରହି କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ସାମାଜିକ ଦାୟିତ୍ୱବୋଧତାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ସାଧାରଣ ଉଦ୍ୟୋଗ ବିଭାଗ ସହଯୋଗରେ ଆୟୋଜିତ ବ୍ରିଜ ଭାରତ ସମ୍ମିଳନୀ ୨୦୨୬ ଓ କର୍ପୋରେଟ୍ ସାମାଜିକ ଦାୟିତ୍ୱ ସମ୍ପର୍କିତ ଜାତୀୟ କର୍ମଶାଳାରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, କମ୍ପାନୀ ଆଇନ୍ ୨୦୧୩ ଅଧୀନରେ ଭାରତର ସିଏସ୍ଆର ଢାଞ୍ଚା କର୍ପୋରେଟ୍ମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି।

ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତୀକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି

କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆଯାଉଛି। ଇସ୍ପାତ, ବିଦ୍ୟୁତ୍, ଖଣି ଓ ଉତ୍ପାଦନ ଆଦି କ୍ଷେତ୍ରରେ ଦ୍ରୁତ ଶିଳ୍ପାୟନ ସହ ପରିବେଶ ପ୍ରତି ଦାୟିତ୍ୱ, ଜଳବାୟୁ ସହନଶୀଳତା ଓ ଗୋଷ୍ଠୀକଲ୍ୟାଣକୁ ଗୁରତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି।

ସିଏସ୍ଆର ମାଧ୍ୟମରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ଜୀବିକା, ଦକ୍ଷତାବିକାଶ, କ୍ରୀଡା, ଗ୍ରାମୀଣ ବିକାଶକୁ ପ୍ରାଥମିକତା ଦେବାକୁ ଶିଳ୍ପସଂସ୍ଥାଗୁଡ଼ିକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ସମସ୍ତ ପଦକ୍ଷେପ ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବିକଶିତ ଭାରତର ବୃହତ୍ତର ଜାତୀୟ ଲକ୍ଷ୍ୟରେ ଯୋଗଦାନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ରାଜ୍ୟପାଳ ଆଶା ବ୍ୟକ୍ତ କରିଛନ୍ତି।

## ମାନବାଧିକାର କମିଶନ ସଦସ୍ୟ ନିଯୁକ୍ତ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓଡ଼ିଶା ମାନବାଧିକାର କମିଶନ ସଦସ୍ୟ ଭାବେ ଆଇନଜୀବୀ ବିରଜା ଶଙ୍କର ମିଶ୍ରଙ୍କୁ ନିଯୁକ୍ତ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପ୍ରଭାତୀ ପରିଡା

ଐତିହ୍ୟ ଗ୍ରାମ ରଘୁରାଜପୁରକୁ ସମଗ୍ର ବିଶ୍ୱର ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳି ଭାବେ ବିକଶିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ରଘୁରାଜପୁରର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ଆଜି ୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର

ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଶ୍ରୀମତୀ ପରିଡା କହିଛନ୍ତି, ଏହା ମାଧ୍ୟମରେ ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ ଓ ବିଭିନ୍ନ କଳା ପରମ୍ପରାରେ ସମୃଦ୍ଧ ରଘୁରାଜପୁରକୁ ସ୍ୱତନ୍ତ୍ର ମାନ୍ୟତା ମିଳିବ । ଅପରାହ୍ଣରେ **ପୁରୀ** ଜିଲ୍ଲା ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀମତୀ ପରିଡା ବିଭିନ୍ନ ପର୍ଯ୍ୟଟନ ଏବଂ ଐତିହ୍ୟ ସ୍ଥଳିର ବିକାଶ ପ୍ରକଳ୍ପର ପ୍ରଗତି ନେଇ ଆଲୋଚନା କରିଥିଲେ । ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସୁବିଧା ଏବଂ ସ୍ଥାନଗୁଡ଼ିକର ଐତିହ୍ୟକୁ ସୁରକ୍ଷିତ ରଖି ସର୍ବାଙ୍ଗିନ ବିକାଶ ଉପରେ ବୈଠକରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ ।

## ରବି ନାରାୟଣ ନାୟକ

ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଦିନିକିଆ ଦେବଗଡ଼ ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିରେ ତିଲେଇବଣି ବ୍ଲକ୍‌ର ୩୬ଟି ପ୍ରକଳ୍ପ ଏବଂ ରିଆମାଳ ବ୍ଲକ୍ ପାଇଁ ୩୩ଟି ପ୍ରକଳ୍ପ  ସାମିଲ ରହିଛି ।

## ବୈଠକ

**ବଲାଙ୍ଗିର** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ  ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ

ସମେତ ଜିଲ୍ଲାର ସମସ୍ତ ବିଧାୟକ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଅର୍ଜୁନ ପୁରସ୍କାର

କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୨୦୨୫ ବର୍ଷ ପାଇଁ ଜାତୀୟ କ୍ରୀଡା ପୁରସ୍କାର ଘୋଷଣା କରାଯାଇଛି। ମହିଳା ବ୍ୟାଡମିଣ୍ଟନ ଡବଲ୍ସରେ ତ୍ରିଶା ଜୋଲି ଓ ପୁଲେଲା ଗାୟତ୍ରୀ ଗୋପୀଚନ୍ଦଙ୍କ ସହିତ ବିଭିନ୍ନ ବିଭାଗର ୧୭ ଜଣ ଖେଳାଳିଙ୍କୁ କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନଜନକ ଅଜୁନ ପୁରସ୍କାର ପ୍ରଦାନ କରାଯିବ। ବରିଷ୍ଠ ଭାରତୀୟ ଫୁଟବଲ୍ ଖେଳାଳି ଆଇସାୟା ଅରୁମାଇନାୟାଗମ୍‌ଙ୍କ ସହିତ  ଅନ୍ୟ ୪ ଜଣ କୋଚଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ।

## ବୃକ୍ଷରୋପଣ

**ଗଞ୍ଜାମ** ଜିଲ୍ଲାର ହୁମାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଉଚ୍ଚ ବିଦ୍ୟାଳୟ ପରିସରରେ ଆର୍ଥିକ ସାକ୍ଷରତା ଅଭିଯାନ, ସାଇବର ସୁରକ୍ଷା ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ନିଶାମୁକ୍ତ ସମାଜ

ସମାଜ ଗଠନ ଓ ନିଶାଦ୍ରବ୍ୟର କୁ-ପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟବ୍ୟାପୀ  ନିଶାମୁକ୍ତ ଶପଥ ଅଭିଯାନ ଆୟୋଜନ କରାଯାଉଛି। ଅଭିଯାନରେ ରାଜ୍ୟରେ ଅତି କମ୍‌ରେ

୧୦ ପ୍ରତିଶତ ଲୋକଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ପଂଚାୟତ ଓ ବିଭିନ୍ନ ସାମାଜିକ ସଂଗଠନର ସହଭାଗିତାରେ ଏହି ଶପଥପାଠ କାର୍ଯ୍ୟକ୍ରମ କରାଯାଇଛି।

**କଟକ**ସ୍ଥିତ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ସମେତ ରାଜ୍ୟର ୩୫ଟି ପୁଲିସ୍ ଜିଲ୍ଲାର ସମସ୍ତ ଥାନା ଏବଂ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରେ ସାମୂହିକ ନିଶାମୁକ୍ତି ଶପଥପାଠ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ସାମୂହିକ ନିଶାମୁକ୍ତି ଶପଥପାଠ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେବା ପରେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ବିଜୁଳି ଘଡଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୭ଟି ଜିଲ୍ଲା- କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳି, ଦେବଗଡ଼,

ବୌଦ୍ଧ, ସୋନପୁର ଓ ବଲାଙ୍ଗିରକୁ ସତର୍କ ସୂଚନା ଜାରି କରାଯାଇଛି। ଏ ସମ୍ପର୍କରେ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି....

**- V/O -**